# ସମାଜ ପାଇଁ ସାହିତ୍ୟ ସୃଷ୍ଟି ସଂସ୍କୃତି ତିଆରି ହେଉ

ବଲାଙ୍ଗୀର ଅଫିସ, ୩୦।୧୦

ବାଲ୍ମିକୀ ଓ ବ୍ୟାସ ବ୍ୟକ୍ତିକେନ୍ଦ୍ରିକ ଭାବ ପ୍ରକାଶ କରୁ ନ ଥିଲେ। ସେମାନେ ବାସ୍ତବିକ ସଂସ୍କୃତି ନିର୍ମାଣ ପାଇଁ ରଚନା କରୁଥିଲେ। ବାଲ୍ମିକୀ ଓ ବ୍ୟାସ ନିଜ ରଚନା ସମ୍ପର୍କରେ ନିଜେ ପ୍ରଚାର କଲେନାହିଁ। ଅନ୍ୟ ଜରିଆରେ ଏହା ପ୍ରଚାର କରାଗଲା। ଏଭଳିକି ସେମାନେ ନିଜେ ନିଜର ନାମ ଲେଖିଲେ ନାହିଁ। ଆଜି ସେଭଳି ବୈଶିକ କେନ୍ଦ୍ରିକତା କମିଯାଉଛି। ଆତ୍ମ କେନ୍ଦ୍ରିକତା ବଢ଼ିଛି। ସାହିତ୍ୟ ନିଜ ପାଇଁ ସୃଷ୍ଟି କରାଯାଏ ନାହିଁ, ଅନ୍ୟ ପାଇଁ କରାଯାଏ। ସମାଜ ପାଇଁ ସାହିତ୍ୟ ସୃଷ୍ଟିର ସଂସ୍କୃତି ତିଆରି ହୋଇପାରିଲେ ଏହା ମଙ୍ଗଳକର ହେବ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରଚନା ପକ୍ଷରୁ ରବିବାର ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ମଧୁସୂଦନ ପତି ଏହା କହିଛନ୍ତି।

ସ୍ଥାନୀୟ ହୋଟେଲ ସରୋଜିନୀ ରେସିଡେନ୍ସିଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂଙ୍କ ସଭାପତିତ୍ୱରେ

## ସାହିତ୍ୟରେ ସାଂସ୍କୃତିକ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ର




କେନ୍ଦ୍ର ସାହିତ୍ୟ ଏକାଡେମୀର ସାରସ୍ୱତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଆଲୋଚକ ଓ ଆୟୋଜକ।

'ସାହିତ୍ୟରେ ସାଂସ୍କୃତିକ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ପତି ଆଲୋଚକଭାବେ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ଏକାଡେମୀ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭାରେ କବି ଭାଗିରଥି ମିଶ୍ର ରଚନା ପକ୍ଷରୁ ନିଆଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରଚନା ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ। ଏହାପରେ ପ୍ରଥମ ଓ ଦ୍ୱିତୀୟ ଅଧିବେଶନ ପ୍ରବନ୍ଧ ପାଠରେ ସାହିତ୍ୟିକ ଦେବାଶିଷ ପାଣ୍ଡିଆ, କ୍ଷେତ୍ରବାସୀ ନାଏକ, ଡ. ସଞ୍ଜୟ କୁମାର ମିଶ୍ର, ଗାଳ୍ପିକା ଗାୟତ୍ରୀ ସରାଫ, ଡ କେଶରଞ୍ଜନ ପ୍ରଧାନ, କୌତୁକ ପନ୍ଦର ଓ ପ୍ରଦୀପ କୁମାର ପଣ୍ଡା ପ୍ରବନ୍ଧ ପାଠ କରିଥିଲେ।

ଅପରାହ୍ନରେ ମୋ ଦୃଷ୍ଟିରେ କାର୍ଯ୍ୟକ୍ରମରେ କବି ଭାଗିରଥି ମିଶ୍ର ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତାଙ୍କ ଜୀବନୀ ଓ କୃତୀ ଉପରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ କବିସନ୍ଧି କାର୍ଯ୍ୟକ୍ରମରେ କବି ପ୍ରହଲ୍ଲାଦ ଶତପଥୀ ତାଙ୍କ କବିତା ଓ କାବ୍ୟଯାତ୍ରା ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଡ ଜଗନ୍ନାଥ ସାହୁ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ମୁକେଶ୍ମି ମେହେର, ରତ୍ନମୟ ତ୍ରିପାଠୀ, ରାଜୀବ ଲୋଚନା ଆଚାର୍ଯ୍ୟ, ରାଜେଶ ଝାଙ୍କର ସହଯୋଗ କରିଥିଲେ। ଶେଷରେ ଡ ସୁଶୀଳ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ଲେଖକ ଓ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।